# ଜିଲ୍ଲା କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ

**ଭୂ-ଅର୍ଜନ ଅଧିକାରୀ ତଥା** କ୍ଷମତାପନ୍ନ ଅଧିକାରୀ (ଜାତୀୟ ରାଜପଥ -୫୯), କନ୍ଧମାଳ , ଫୁଲବାଣୀ

( **ଜାତୀୟ ରାଜପଥ ଆଇନ** ୧୯୫୬ (Act 48 of 56) ର ଧାରା ୩-କ ଉପଧାରା ୩ ମୁତାବକ )

## ସର୍ବସାଧାରଣ ନୋଟିସ

ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ

ଅଧିସୂଚନା

ନୂଆଦିଲ୍ଲୀ, ୨୯ ନଭେମ୍ବର ୨୦୧୮

**ଯେହେତୁ ଭାରତ** ସରକାରଙ୍କ ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟଙ୍କ ଦ୍ୱାରା ଜାତୀୟ ରାଜପଥ ନଂ-୫୯ର **ଓଡିଶା ରାଜ୍ୟର କନ୍ଧମାଳ ଜିଲ୍ଲାରେ କି**.ମି -୧୭୩.୩୭୦ ରୁ କି.ମି ୨୨୯.୪୦୦ ( ବାଲିଗୁଡା-ଦାରିଙ୍ଗବାଡି ସେକ୍ସନ ) ର ନିର୍ମାଣ **(ସମ୍ପ୍ରସାରଣ / ପେଭେଡ ସୋଲଡର ଇ**ତ୍ୟାଦି ସହିତ ଦୋହରିକରଣ) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କ **ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବ**ଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି ।

**ଯେହେତୁ ଜାତୀୟ** ରାଜପଥ ଆଇନ ୧୯୫୬ (୧୯୫୬ର ୪୮ ନମ୍ବର ଆଇନ ) ର ଧାରା ୩-(କ) ର ଉପଧାରା **(୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ**ର ଅଧିସୂଚନା ସଂଖ୍ୟା ୪୭୮୮ ତା.୦୩.୧୨.୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ଭାରତର **ରାଜପତ୍ର ଅସାଧାରଣ ସଂଖ୍ୟା s.o. 6014(E)** ତା.୨୯.୧୧.୨୦୧୮ ରେ ପ୍ରକାଶ କରିଅଛନ୍ତି ।

**ଏତଦ୍ୱାରା ତଫସିଲ**ଭୁକ୍ତ ଜମିର ସତ୍ତ୍ୱାଧିକାରୀ / ଭୂମି ମାଲିକ/ ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କୁ ଜଣାଇ **ଦିଆଯାଉଛି ଯେ , ଏହି ଅଧିସୂଚନା ପ୍ରକା**ଶିତ ହେବାର ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି **କୌଣସି ଆପତ୍ତି ଥାଏ, ତାହେଲେ ସେ** ନିଜେ କିମ୍ବା ତାଙ୍କର ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତଭାବେ ଭୂ-ଅର୍ଜନ **ଅଧିକାରୀ, ଜାତୀୟ ରାଜପଥ ନଂ-୫୯**, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପରୋକ୍ତ ଆଇନର ଧାରା ୩-ଗ ଉପଧାରା (୧) ଅନୁସାରେ ଆପତ୍ତି **ଦରଖାସ୍ତ / ମକଦମା ଦାୟର କରିପାରି**ବେ ।

**ଉକ୍ତ ଜମିର ଏକ** ନକ୍ସା ଓ ଅନ୍ୟାନ୍ୟ ବିଶଦ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ ଅର୍ଜନ **ପ୍ରକୋଷ୍ଠ (ଜାତୀୟ ରାଜପଥ), ଜିଲ୍ଲା**ପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ **ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନି**ମନ୍ତେ ଲଭ୍ୟ ହେଉଅଛି ।

(Signature) ତା ୨୪/୧୨/୨୦୧୮

କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ

କନ୍ଧମାଳ, ଫୁଲବାଣୀ